# ରାଜ୍ୟର ୪ଟି ଆଇଟିଆଇ ଉତ୍କର୍ଷ କେନ୍ଦ୍ରରେ ପରିଣତ

- ପ୍ରତ୍ୟେକ କେନ୍ଦ୍ରକୁ କେନ୍ଦ୍ର ସରକାର ଯୋଗାଇବେ ୩ କୋଟି ଟଙ୍କା
- କେନ୍ଦୁଝରଠାରେ ଭବିଷ୍ୟନିଧି ପାଣ୍ଠି ଆଞ୍ଚଳିକ ଶାଖା ଖୋଲିବ
- କେବିକେ ଯୋଜନା ବନ୍ଦ ହେବ ନାହିଁ

ଭୁବନେଶ୍ୱର,ତା ୧୪।୭ (ଭୁ.ପ୍ର)–ରାଜ୍ୟରେ ୪ଟି ଆଇଟିଆଇ ପ୍ରତିଷ୍ଠାକୁ ଉତ୍କର୍ଷ କରିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ଏହା ବ୍ୟତୀତ ପୁରୀ ଓ ଭବାନୀପାଟଣାଠାରେ ଆଇଟିଆଇ ପ୍ରତିଷ୍ଠାନର ଭିତ୍ତିଭୂମି ବିକାଶ ନିମନ୍ତେ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇଦେବେ । କେନ୍ଦୁଝରଠାରେ ଭବିଷ୍ୟନିଧି ପାଣ୍ଠିର ଆଞ୍ଚଳିକ କାର୍ଯ୍ୟାଳୟ ଖୋଲାଯିବା ନିମନ୍ତେ ନିଷ୍ପତ୍ତି ହୋଇଛି ଏବଂ ଅଗଷ୍ଟ ଶେଷ ସପ୍ତାହ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ ବୋଲି କେନ୍ଦ୍ର ଶ୍ରମ ରାଷ୍ଟ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ପ୍ରକାଶ କରିଛନ୍ତି ।

ଆଜି କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ସାହୁ କହିଲେ ଯେ ଚଳିତବର୍ଷ ଦେଶର ୧୦୦ଟି ଆଇଟିଆଇ ପ୍ରତିଷ୍ଠାନ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ସେଥିମଧ୍ୟରୁ ଓଡ଼ିଶାର ତାଳଚେର, ହୀରାକୁଦ, ବାଲେଶ୍ୱର ଓ ବ୍ରହ୍ମପୁର ଆଇଟିଆଇକୁ ଅନ୍ତର୍ଭୁକ୍ତ କରାଯାଇଛି । ତାଳଚେର ଆଇଟିଆଇରେ ପ୍ରଡ଼କ୍ସନ ଆଣ୍ଡ ମାନୁଫାକ୍ଚରିଙ୍ଗ୍, ହୀରାକୁଦରେ ଇନ୍ଷ୍ଟ୍ରୁମେଣ୍ଟସନ, ବାଲେଶ୍ୱରରେ ଇଲେକ୍ଟ୍ରିକାଲ ଓ ବ୍ରହ୍ମପୁରରେ ଅଟୋମୋବାଇଲ ପାଠ୍ୟକ୍ରମକୁ ଚିହ୍ନଟ କରାଯାଇଛି । ଏହି କେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ବିକାଶ ଲାଗି କେନ୍ଦ୍ର ସରକାର ୩ କୋଟି ଟଙ୍କା ଲେଖାଏଁ ଦୁଇଟି ପର୍ଯ୍ୟାୟରେ ଯୋଗାଇଦେବେ । ସେହିଭଳି କେନ୍ଦୁଝରଠାରେ ଭବିଷ୍ୟନିଧି ପାଣ୍ଠିର ଆଞ୍ଚଳିକ କାର୍ଯ୍ୟାଳୟ ଖୋଲିବା ନିମନ୍ତେ ଦୀର୍ଘଦିନରୁ ଦାବି ହୋଇଆସୁଥିଲା । ଏହାକୁ ଖୋଲିବା ପାଇଁ କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟରୁ ନୀତିଗତ ଭାବେ ନିଷ୍ପତ୍ତି ନିଆଯାଇଛି । ପ୍ରଥମେ ୭୦୦୦ ବର୍ଗଫୁଟର ଏକ ଭଡ଼ାଘରେ ଏହି କାର୍ଯ୍ୟାଳୟ ଚାଲିବ, ପରେ ଏହାର ନିଜସ୍ୱ ଗୃହ ନିର୍ମାଣ କରାଯିବ । ଓଡ଼ିଶାରେ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନ ହେବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ଏ ପ୍ରସଙ୍ଗରେ କୌଣସି ଚର୍ଚ୍ଚା ଆଉ ହେବ ନାହିଁ । ଏହାର ପ୍ରତିଷ୍ଠା ପାଇଁ ନୀତିଗତ ଭାବେ ନିଷ୍ପତ୍ତି ନିଆସରିଛି ବୋଲି ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ ତାଙ୍କୁ ଓ ପିସିସି ସଭାପତି ଜୟଦେବ ଜେନାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଶ୍ରୀ ସାହୁ କହିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ପିସିସି ସଭାପତି ଜୟଦେବ ଜେନା କହିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନଇ ନ ଦେଖୁଣୁ ଲଙ୍ଗଳା ହେଉଛନ୍ତି । କେବିକେ ଯୋଜନା ବନ୍ଦ କରିବା ଲାଗି କେନ୍ଦ୍ର ସରକାରଙ୍କ ନିକଟରେ କୌଣସି ପ୍ରସ୍ତାବ ନଥିବାବେଳେ ● ୨ ପୃଷ୍ଠା ଦେଖନ୍ତୁ